# ବିଷ୍ଣୁପୁର ପଞ୍ଚାୟତରେ ରିଲିଫ୍ ଚାଉଳକୁ ନେଇ ତୁମୁଳକାଣ୍ଡ

- ଚାଉଳ ଚୋରି ଅଭିଯୋଗରେ ଥାନାରେ ତିନି ଅଟକ
- ଚାଉଳ ହଡ଼ପ ଅଭିଯୋଗ ପରେ ତଦନ୍ତକଲା ପ୍ରଶାସନ
- ୩୦ ବୁରା ସ୍ଥାନରେ ବାହାରିଲା ୩୪୮ ବୁରା ଚାଉଳ
- ସନ୍ଦେହ ଘେରରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଭୂମିକା

ବାଲିଆପାଳ, ୨୯।୭ (ସମିସ)

ବାଲିଆପାଳ ବ୍ଲକ ବିଷ୍ଣୁପୁର ପଞ୍ଚାୟତରେ ବନ୍ୟା ପାଇଁ ଆସିଥିବା ରିଲିଫ ଚାଉଳକୁ ନେଇ ତୁମୁଳକାଣ୍ଡ ଦେଖିବାକୁ ମିଳିଛି। ରାତ୍ରିରେ ଚାଉଳ ଚୋରି ଉଦ୍ୟମ କରୁଥିବା ଅଭିଯୋଗରେ ବାଲିଆପାଳ ପୁଲିସ ତିନି ଜଣଙ୍କୁ ଥାନାରେ ଅଟକ ରଖିଛି। ଅନ୍ୟପଟରେ ବିଜେଡି ପକ୍ଷରୁ ବନ୍ୟା ଚାଉଳ ହଡ଼ପ ପାଇଁ ମସୁଧାକୁ ପଣ୍ଡ କରିବା ପାଇଁ ଚାଉଳ ଥିବା ସ୍ଥାନରେ ଜଗିରହିଥିବା ବିଜେଡି କର୍ମୀଙ୍କ ନାମରେ ମିଥ୍ୟା ଆରୋପ ଲଗାଇ ଥାନାକୁ ଅଣାଯାଇଛି ଏବଂ ଗଚ୍ଛିତ ଚାଉଳ ଯାଞ୍ଚ ପାଇଁ ଆଜି ଏକାଧିକ ଗ୍ରାମବାସୀ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଆଜି ଅତିରିକ୍ତ ଜିଲ୍ଲାପାଳ ହେମନ୍ତ କୁମାର ସିଂ, ବିଡିଓ ରାଧାରଞ୍ଜନ ଦାସ, ଯୋଗାଣ ଅଧିକାରୀ ଅମ୍ବିକା ପ୍ରସାଦ ରଥ ପ୍ରମୁଖ ଗଚ୍ଛିତ ଚାଉଳ ବସ୍ତା ଗଣତି କରିଥିବା ଜଣାଯାଇଛି। ସକାଳ ଠାରୁ ପଞ୍ଚାୟତ ନିର୍ବାହୀ ଅଧିକାରୀ ଯୋଗଣ ବିଭାଗ ଅଧିକାରୀଙ୍କୁ ୩୦ ବୁରା (୧୫ କୁଇଣ୍ଟାଲ) ଚାଉଳ ଗଚ୍ଛିତ ଥିବା କହି ଆସୁଥିବା ବେଳେ ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା ଭଳି ଗଣତି ସମୟରେ ୩୪୮ ବୁରା(୧୭୪ କୁଇଣ୍ଟାଲ) ଚାଉଳ ମହଜୁଦ ଥିବା ସୂଚନା ମିଳିଛି। ଏହାକୁ ନେଇ ଏବେ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଭୁରାମ ଦେଙ୍କ ଭୂମିକା ସନ୍ଦେହ ଘେରକୁ ଆସିଛି। ପଞ୍ଚାୟତବାସୀଙ୍କ ପକ୍ଷରୁ ଏହି ଚାଉଳକୁ ବାଟମାରଣା ପାଇଁ ରଖାଯାଇଥିବା ନେଇ ଉଭୟ ସରପଞ୍ଚ ଏବଂ ପିଇଓଙ୍କୁ ଦାୟୀ କରିଛନ୍ତି।

ସୁବର୍ଣ୍ଣରେଖା ନଦୀର ଦ୍ୱିତୀୟ ବନ୍ୟା ପାଇଁ ୭ ଦିନର ରିଲିଫ ଘୋଷଣା ହୋଇଥିଲା। ଏହି ଆଧାରରେ ବାଲିଆପାଳ ବ୍ଲକର ସରକାରୀ ଆକଳନ ଅନୁଯାୟୀ ୯ଟି ପଞ୍ଚାୟତର ମୋଟ ୭୫୭୯୨ ଜଣଙ୍କ ପାଇଁ ୪୯୦୬୭ କେଜି ଚାଉଳ ମଞ୍ଜୁର କରାଯାଇ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଜରିଆରେ ବିତରଣ ପାଇଁ ଦାୟିତ୍ୱ ଦିଆଯାଇଥିଲା। ଏହି କ୍ରମର ବିଷ୍ଣୁପୁର ପଞ୍ଚାୟତରେ ୬ଟି ଗ୍ରାମର ୨୭୨୨ ପରିବାରର ୧୨ହଜାର ବୟସ୍କ ଏବଂ ୧୦୫୬ ଜଣ ପିଲାଙ୍କୁ ମିଶାଇ ୧୩୦୫୬ ଜଣଙ୍କ ପାଇଁ ଚାଉଳ ଯୋଗାଇ ଦିଆଯାଇଥିଲା। ଅଭିଯୋଗ ମୁତାବକ ଏହି ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଭୁରାମ ଦେ ସମସ୍ତ ଚାଉଳକୁ ପଞ୍ଚାୟତ ଗୋଦାମରେ ମହଜୁଦ ରଖି ଗୋଟିଏ ସ୍ଥାନରୁ ସମସ୍ତ ଗ୍ରାମବାସୀଙ୍କୁ ଚାଉଳ ବାଣ୍ଟିଥିଲେ। ଦୂର ଦୂରାନ୍ତ ଲୋକେ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ କିଭଳି ଚାଉଳ ନେବେ ସେ ନେଇ ପିଇଓଙ୍କୁ ବିରୋଧ କରିଆସୁଥିଲେ। ପିଇଓ କାହାରି କଥା ନଶୁଣି ପଞ୍ଚାୟତ କାର୍ଯ୍ୟାଳୟରେ ଚାଉଳ ବାଣ୍ଟିଥିଲେ। ପ୍ରାୟ ୨୦, ୩୦ ଟି ପରିବାର ଛାଡିଦେଲେ ଅନ୍ୟ ସମସ୍ତ ପରିବାର ଚାଉଳ ପାଇସାରିଥିବା ବେଳେ ଗୋଦାମରେ ଆହୁରି ବହୁ ଚାଉଳ ମହଜୁଦ ଥିବା ଜାଣି ପାରି ରବିବାର ପଞ୍ଚମ ବନ୍ୟାରେ ବିଷ୍ଣୁପୁର ପଞ୍ଚାୟତ ଗସ୍ତରେ ଯାଇଥିବା ଅତିରିକ୍ତ ଜିଲ୍ଲାପାଳ, ବ୍ଲକ ଯୋଗାଣ ଅଧିକାରୀ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଉପସ୍ଥିତିରେ କିଛି ଗ୍ରାମବାସୀ ଗୋଦାମରେ କେତେ ବନ୍ୟା ଚାଉଳ ଗଚ୍ଛିତ ଅଛି ବୋଲି ପ୍ରଶ୍ନ କରିଥିଲେ। ସେଠାରେ ଉପସ୍ଥିତ ସରପଞ୍ଚ ମହେଶ୍ୱର ଜେନା ୧୫ କୁଣ୍ଟାଲ ଚାଉଳ ଅଛି ବୋଲି ପ୍ରକାଶ କରିଥିଲେ। କିନ୍ତୁ ଗ୍ରାମବାସୀ ୫୦ କୁଇଣ୍ଟାଲରୁ ଅଧିକ ଗଚ୍ଛିତ ଥିବାଅନୁମାନ କରୁଥିବାବେଳେ ରାତ୍ରିରେ ଏହି ଚାଉଳ ଅନ୍ୟତମ ସ୍ଥାନାନ୍ତର ହୋଇ ମସୁଧା ଜାଣିପାରି କିଛି ପଞ୍ଚାୟତବାସୀ ଚାଉଳ ଥିବା ସ୍ଥାନ ବାହାରେ ରାତ୍ରୀସାରା ଜଗି ରହିଥିଲେ। ଅନ୍ୟ କିଛି ଗ୍ରାମବାସୀ ଜଗି ରହିଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଚାଉଳ ଚୋରି ପାଇଁ ଆସିଥିବା କହି ୩ ଜଣଙ୍କୁ ଅଟକ ରଖି ବାଲିଆପାଳ ପୁଲିସକୁ ଜଣାଇଥିଲେ। ବାଲିଆପାଳ ପୁଲିସ ଆଜି ଗ୍ରାମର ଶରତ ଗଙ୍ଗାଇ, ରଣଜିତ ମଣ୍ଡଳ,ଅଶୋକ ଗଙ୍ଗାଇ ପ୍ରମୁଖଙ୍କୁ ଥାନାକୁ ଆଣି ଅଟକ ରଖିଛି। ଅନ୍ୟ ପଟରେ ମିଥ୍ୟା ଅଭିଯୋଗରେ ଲୋକଙ୍କୁ ଥାନାକୁ ଅଣାଯାଇଥିବା ଏବଂ ଚାଉଳର ତଦନ୍ତ ଦାବି କରି ବିଜେଡି ଦଳର ନେତା ଓ କର୍ମୀ ମାନେ ବିଡିଓଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଏ ସଂପର୍କରେ ବିଷ୍ଣୁପୁର ପଞ୍ଚାୟତର ପିଇଓ ପ୍ରଭୁରାମ ଦେଙ୍କୁ ପଚାରିବାରୁ ୧୫ କୁଇଣ୍ଟାଲ ଚାଉଳ ଥିବା ପ୍ରକାଶ କରିଥିଲେ। କାଲି ସୁଦ୍ଧା ତଦନ୍ତ ହୋଇନଥିବା ବେଳେ ବନ୍ୟା ପାଇଁ ବ୍ଲକକୁ ଆସିଥିବା ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ନିକଟରେ ପଞ୍ଚାୟତ ବାସୀ ଅଭିଯୋଗ କରିଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ରେ ଏଡିଏମ ହେମନ୍ତ କୁମାର ସିଂ,ବିଡିଓ ରାଧାରଞ୍ଜନ ଦାସ, ଯୋଗାଣ ଅଧିକାରୀ ଅମ୍ବିକା ପ୍ରସାଦ ରଥ ପ୍ରମୁଖ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ଗଚ୍ଛିତ ଚାଉଳ ଗଣତି କରିଥିଲେ। ଏହି ଗଣତି ସମୟରେ ୩୪୮ ବସ୍ତା ଚାଉଳ ବାହାରିଥିବା ଯୋଗାଣ ଅଧିକାରୀ ସୂଚନା ଦେଇଛନ୍ତି। ଏତେ ପରିମାଣର ଚାଉଳ କେଉଁଠାରୁ ଆସିଲା ତାହା ସମସ୍ତଙ୍କୁ ଚକିତ କରିଦେଇଛି। କେଉଁ ତଥ୍ୟ ଆଧାରରେ ରିଲିଫ ଚାଉଳ ଦିଆଯାଇଛି ତାହା ମଧ୍ୟ ତଦନ୍ତ ସାପେକ୍ଷ। ଚାଉଳ ନେବା ପାଇଁ ମାତ୍ର ୨୦/୩୦ ଟି ପରିବାର ଥିଲା ବେଳେ ଏତେ ପରିମାଣର ଚାଉଳ ଗଚ୍ଛିତ ରଖି ପିଇଓ ଯୋଗାଣ ବିଭାଗକୁ ଭୁଲ ତଥ୍ୟ ଦେବା ନେଇ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଭୂମିକା ସନ୍ଦେହ ଘେରରେ। ତୁରନ୍ତ ଏହି ଘଟଣାରେ ଲୁଚିରହିଥିବା ରହସ୍ୟକୁ ଉନ୍ମୋଚନ କରି ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି ହୋଇଛି। ପଞ୍ଚାୟତ ନିର୍ବାହୀ ଅଧିକାରୀ କିମ୍ବା ସରପଞ୍ଚଙ୍କ ପ୍ରତିକ୍ରିୟା ମିଳିପାରିନଥିବା ବେଳେ ଜିଲ୍ଲାପାଳ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି କିନ୍ତୁ ଏହି ଭଳି ଅନେକ ପଞ୍ଚାୟତରେ ରିଲିଫ ଚାଉଳ, ଚୁଡା, ଗୁଡ଼ ଗଚ୍ଛିତ ଅଛି ତାହା ଦେଖିବାକୁ ବାକି ରହିଲା।

କଳ୍ପନା ଜଳ୍ପନାର ଅନ୍ତଃ

## ବସ୍ତା ସିଂହବାହିନୀ ଯାତ୍ରା ମଞ୍ଚରେ ବିବାଦୀୟ ଅଭିନେତା ପୀୟୂଷ

ବସ୍ତା ବ୍ଲକ, ୨୯।୭ (ସମିସ): ଚଳିତ ଯାତ୍ରା ଋତୁ ଆରମ୍ଭରେ ବାଲିଆପାଳର ବିଗ୍ ବଜେଟ ଯାତ୍ରା ଅନୁଷ୍ଠାନ ଯାତ୍ରା ସିଂହବାହିନୀ ବାଲେଶ୍ୱର ଜିଲ୍ଲା ବସ୍ତାରେ ତା'ର ପେଣ୍ଡାଲ ଶୁଭାରମ୍ଭ କରିଛି। ସୋମବାର ଯାତ୍ରା ଆରମ୍ଭରୁ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଜଳେଶ୍ୱର ଏସଡିପିଓ ସୁବ୍ରତ କୁମାର ବେହେରା, ବିଜେପି ଜିଲ୍ଲା ସଭାପତି (ଉତ୍ତର) ପ୍ରଦୀପ କୁମାର ପଣ୍ଡା, ଯାତ୍ରା ଅନୁଷ୍ଠାନର ମାଲିକ ସଞ୍ଜୀବ ପାଢ଼ୀ ଅତିଥି ଭାବେ ଯୋଗଦେଇ ଷ୍ଟେଜ ଉପରେ କେକ୍ କାଟି ଯାତ୍ରା ମଞ୍ଚକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯାତ୍ରା କମିଟିର ସଦସ୍ୟ ମାନେ ଉପସ୍ଥିତ ଥିଲେ। ପ୍ରକାଶ ଥାଉକି ଚଳିତ ଯାତ୍ରା ଋତୁ ଆରମ୍ଭ ହେବା ପୂର୍ବରୁ ଓଡ଼ିଶା ଯାତ୍ରା ଜଗତ ରେ କଳାକାର ଓ ଯାତ୍ରା ମାଲିକଙ୍କ ମଧ୍ୟରେ ବିବାଦ ଦେଖିବାକୁ ମିଳିଥିଲା। ଯାତ୍ରା ଅଭିନେତା ପିୟୂଷ ତ୍ରିପାଠୀ ଓ ସିଂହ ବାହିନୀ ମାଲିକ ସଞ୍ଜୀବ ପାଢ଼ୀଙ୍କ ବିବାଦ ଯାତ୍ରା ଇଣ୍ଡଷ୍ଟ୍ରିକୁ ଏକ ଭିନ୍ନ ମୋଡକୁ ନେଇ ଆସିଥିଲା। ଶେଷରେ ମାଲିକ ଶ୍ରୀ ପାଢ଼ୀ ପିୟୂଷ ସିଂହ ବାହିନୀରେ ଅଭିନୟ କରିବେ ବୋଲି ଗଣମାଧ୍ୟମରେ ପ୍ରତିକ୍ରିୟା ରଖିଥିଲେ।



ବିବାଦ ପରେ ଯାତ୍ରା ସିଂହବାହିନୀ ବସ୍ତାର ପ୍ରଥମ ରଜନୀରେ ପିୟୂଷ ଆସିବା ନେଇ ଯାତ୍ରା କମିଟି ପକ୍ଷରୁ ସୂଚନା ମିଳିବା ପରେ ସମସ୍ତ ଟିକଟ ବିକ୍ରି ସରିଥିଲା। ମେଲୋଡି କାର୍ଯ୍ୟକ୍ରମ ଚାଲିଥିବା ସମୟରେ ପିୟୂଷ ମଞ୍ଚରେ ଚଢ଼ି ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ମାତ୍ର ସେ ଯାତ୍ରାରେ ଅଭିନୟ କରିନଥିଲେ। ଖୁବ୍‌ଶୀଘ୍ର ସେ ଅଭିନୟ କରିବେ ବୋଲି ଯାତ୍ରା ଅନୁଷ୍ଠାନ ପକ୍ଷରୁ ଘୋଷଣା କରାଯାଇଥିଲା।

## ବିଦ୍ୟାଳୟସ୍ତରୀୟ ମାତୃମହିମା ବକ୍ତୃତା ପ୍ରତିଯୋଗିତା




ଜଳେଶ୍ୱର, ୨୯।୭ (ସମିସ):ଭବିଷ୍ୟତ ପିଢିଙ୍କ ମଧ୍ୟରେ ମାତୃଭାବନା ସୃଷ୍ଟିକରିବା ପାଇଁ ବିଦ୍ୟାଳୟସ୍ତରୀୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବାଗୀଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟରେ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ୧୨ଟି ବିଦ୍ୟାଳୟ ଓ ୮ଟି ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଭାଗ ନେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବିବେକାନନ୍ଦ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିଯୋଗିତା ସଭାରେ ମୁଖ୍ୟଅତିଥି ଭାବେ ଡ. ରାମଚନ୍ଦ୍ର ଦେଓ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବିଚାରକ ଭାବେ ପ୍ରାଧ୍ୟାପକ ଡ. ନୀଳକଣ୍ଠ ଖଣ୍ଡା, ଅଧ୍ୟାପକ ସତ୍ୟମୟ ଆଚାର୍ଯ୍ୟ, ଅଧ୍ୟାପକ ଦେବବ୍ରତ ପ୍ରଧାନ, ପଣ୍ଡିତ ଗିରିଶ ପ୍ରାଣିଗ୍ରାହୀ, ଅବସରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଗବେଷିକା ଡ. ପୁଷ୍ପିତା ଦେଓ ଯୋଗ ଦେଇ ଭାଷଣ ପ୍ରତିଯୋଗିତାର ମୂଲ୍ୟାଙ୍କନ କରିଥିଲେ। ବରିଷ୍ଠ ବିଭାଗରେ କିରଣ କୁମାର ଦାଶ ପ୍ରଥମ, ସଂଗୀତା ଜେନା ଦ୍ୱିତୀୟ, ମିଲିସ୍ମିତା ଦ ତୃତୀୟ ହୋଇଥିବା ବେଳେ କନିଷ୍ଠ ବିଭାଗରେ ରୂପାଲି ସାମଲ ପ୍ରଥମ, ଜୟପ୍ରକାଶ ପାତ୍ର ଦ୍ୱିତୀୟ ଓ କଳ୍ପିତା ଶତପଥୀ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। କାର୍ତ୍ତିକେଶ୍ୱର ପାତ୍ର ମଂଚ ଆହ୍ୱାନ କରିଥିଲାବେଳେ କିରଣ କୁମାର ବେଦପାଠ, ସମର ବଲ୍ଲଭ ସାହୁ ସଂଯୋଜନା କରିଥିଲେ। ପ୍ରଦୀପ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ବାରିପଦାର ନିଖୋଜ କୃଷି ଶ୍ରମିକ ଜଳେଶ୍ୱରରୁ ଉଦ୍ଧାର



ଜଳେଶ୍ୱର,୨୯।୭ (ସମିସ): ବାଲେଶ୍ୱର ଜିଲ୍ଲାରେ କୃଷି କାର୍ଯ୍ୟ ଖୁବ୍ ଜୋର୍ ସୋର୍ ରେ ଚାଲିଥିବା ବେଳେ ପ୍ରତ୍ୟହ ବହୁ ଶ୍ରମିକ କାର୍ଯ୍ୟ ସନ୍ଧାନରେ ଘରୁ ବାହାରୁଛନ୍ତି। ବାରିପଦା ସଦର ଥାନା ଅଧୀନ ଶ୍ୟାମାଖୁଣ୍ଟା ବ୍ଲକ ଅନ୍ତର୍ଗତ ମହୁଲିଆ ପଞ୍ଚାୟତର କେତେଜଣ ଶ୍ରମିକ କାର୍ଯ୍ୟ ସାରି ଘରକୁ ଫେରିବା ବେଳେ ବାଲେଶ୍ୱର ଷ୍ଟେସନରେ ଜଣେ ମସ୍ତିଷ୍କ ବିକୃତ ଯୁବକ ନିଖୋଜ ହୋଇଥିଲେ। ସୋମବାର ଷ୍ଟେସନରେ ପ୍ରବଳ ଭିଡ଼ ଭିତରେ ଘରକୁ ଫେରିବା ପରେ ଜ୍ୟୋତିପୁର ଗ୍ରାମର ରାମେଶ୍ୱର କାଳନ୍ଦୀଙ୍କ ପୁଅ ପାପୁଲି କାଳନ୍ଦୀ(୨୦) ନିଖୋଜ ହୋଇଥିବା ଜାଣିବାକୁ ପାଇଥିଲେ। ମାନସିକ ଅସୁସ୍ଥ ଶ୍ରମିକ ଭିଡ଼ରେ ଦିଗହରା ହୋଇ ଜଳେଶ୍ୱରରେ ପହଞ୍ଚିଥିଲା। ଅନ୍ଧାର ରାତ୍ରିରେ ପଥହରା ହୋଇ ଯୁବକ ଜଣକ ରାଜପୁର ପଞ୍ଚାୟତ ପାଟଣା ସାହିର ଜଣଙ୍କ ଘରେ ପ୍ରବେଶ କରିଥିଲା। ଲୋକେ ଚୋର ଭାବି ଅଜଣା ଯୁବକକୁ ଅଟକ ରଖି ପରିଚୟ ମାଗିଥିବା ବେଳେ ସନ୍ତୋଷ ଜନକ ଉତ୍ତର ମିଳିନଥିଲା। ଦୀର୍ଘ ସମୟ ପରେ ଏକ ଫୋନ୍ ନମ୍ବରରେ ଯୋଗାଯୋଗ କରିବାରୁ ବାରିବାଦ ଅଞ୍ଚଳର ନିଖୋଜ ଶ୍ରମିକ ବୋଲି ପରିଚୟ ମିଳିଥିଲା। ବାରିପଦାରୁ କାର ଯୋଗେ ପରିବାରବର୍ଗ ଘଟଣା ସ୍ଥଳରେ ପହଞ୍ଚି ମାନସିକ ଅସୁସ୍ଥ ଯୁବକକୁ ପାଇ ଆନନ୍ଦ ପ୍ରକଟ କରିଥିଲେ।

## ୧୧ ବର୍ଷ ପରେ ଘରକୁ ଫେରିଲା ପୁଅ



ପରିବାରରେ ଖୁସିର ମାହୋଲ

ଖଇରା,୨୯।୭ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ନହୁର ଗ୍ରାମ ପଞ୍ଚାୟତ ଅଧୀନ ଅସୁରିଆ ଗ୍ରାମର ଉପେନ୍ଦ୍ର ଜେନାଙ୍କ ପୁଅ ଭଗବାନ ୧୧ବର୍ଷ ନିଖୋଜ ରହିବା ପରେ ଶନିବାର ଘରକୁ ଫେରିଛନ୍ତି। ଘରର ବଡ ପୁଅକୁ ପାଇ ମା'ବାପା ଖୁସିରେ ଆମ୍ ବିଭୋର ହୋଇ ପଡିଛନ୍ତି। ବାପା ଉପେନ୍ଦ୍ର କାମ ପାଇଁ ହାଇଦ୍ରାବାଦରେ ଥିବା ବେଳେ ଭଗବାନ ଜେଜେ ବାପା ଓ ମାଙ୍କ ସହ ଘରେ ରହୁଥିଲା। ଡିସେମ୍ବର ମାସ ଧାନକଟା ଆରମ୍ଭ ପରେ ଜେଜେ କାମରେ ସହଯୋଗ କରିବାକୁ ଭଗବାନକୁ ବିଲକୁ ଡାକିଥିଲେ। ହେଲେ ଭଗବାନ ଅରାଜି ହେବା ପରେ ମା' ଭଗବାନ ଉପରେ ରାଗିଥିଲେ। ଜେଜେ ଓ ମା'ଙ୍କ ଉପରେ ରାଗି ଭଗବାନ ପୁନେ ପଳାଇ ଏକ ହୋଟେଲରେ କାମ କରୁଥିଲେ। ପରିବାର ଲୋକଙ୍କ ପ୍ରଚେଷ୍ଟା ସତ୍ତ୍ୱେ ପତ୍ତା ମିଳିନଥିଲା।

## ଦକ୍ଷିଣ ଭୋଗରାଇ ମାଧ୍ୟମିକ ଶିକ୍ଷକ ସମ୍ମିଳନୀ




ଭୋଗରାଇ, ୨୯।୭(ସମିସ): ଭୋଗରାଇ ବ୍ଲକ ବାଗରୁଖିସ୍ଥିତ ଶାରଦା ରମାନାଥ ବିଦ୍ୟାପୀଠ ପରିସରରେ ଦକ୍ଷିଣ ଭୋଗରାଇ ମାଧ୍ୟମିକ ସ୍କୁଲ ଶିକ୍ଷକ ମାନଙ୍କ ପକ୍ଷରୁ ଆଜି ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଦକ୍ଷିଣ ଭୋଗରାଇ ଓଷ୍ଟା ସଂଘର ସଭାପତି ମହେଶ୍ୱର ଗିରିଙ୍କ ସଭାପତିତ୍ୱ କରିଥିଲେ। ସଂଘର ଜିଲ୍ଲା ସଭାପତି ମନୋରଞ୍ଜନ ଦାସ ଦକ୍ଷିଣ ଭୋଗରାଇ ପୂର୍ବତନ ସମ୍ପାଦକ ନଟରଞ୍ଜନ ଘରାଇ, ସଂପାଦକ ଶାଶ୍ୱତ କୁମାର ଜେନା, ଶାରଦା ରମାନାଥ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ସୁଧାଂଶୁ ଶେଖର ବେଜ, ଜଳେଶ୍ୱରପୁର ହାଇସ୍କୁଲ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ଦତ୍ତ, ଗୌରହରି ଦାସ, ସୁନୀଲ ଦତ୍ତ, ଗଙ୍ଗାଧର ଗିରି, ମନୋରଞ୍ଜନ ଦାସ ପ୍ରମୁଖ ଶିକ୍ଷକ ମାନେ ଉପସ୍ଥିତ ଥିଲେ। ଆସନ୍ତା ୨ ଅଗଷ୍ଟ ଶନିବାର ଦିନ ଶିକ୍ଷକମାନଙ୍କର ବିଭିନ୍ନ ଦାବି ନେଇ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହିତ ୮ ଅଗଷ୍ଟ ଶନିବାର ଜିଲ୍ଲାପାଳ କାର୍ଯ୍ୟାଳୟ ଓ ୧୬ ଅଗଷ୍ଟ ଶନିବାର ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବା ନେଇ ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ଏହି ସମ୍ମିଳନୀରେ ଶିକ୍ଷକ ନେତା ଶ୍ୟାମସୁନ୍ଦର ଦାସ, ମୀନତି ଦାସ, ଗୋପାଳ କୃଷ୍ଣ ଦାସ, ଅତନୁ ହୋତା, ପ୍ରକାଶ ଦାସ ପ୍ରମୁଖ ଶିକ୍ଷକ ମାନେ ସହଯୋଗ କରିଥିଲେ। ବୈଠକ ପ୍ରାରମ୍ଭରେ ଯୁଗ୍ମ ସମ୍ପାଦକ ଗୈରାଙ୍ଗ ଦତ୍ତ ଅତିଥି ମାନଙ୍କୁ ମଞ୍ଚକୁ ଆହ୍ୱାନ କରିଥିବାବେଳେ ଦେବଶଙ୍କର ଦାସ ବେଦ ପାଠ ଓ କୋଷାଧକ୍ଷ ମନୋରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ପୁଣି ତାତିଲେ ଶିକ୍ଷକ, ଅଗଷ୍ଟ ୨ରୁ ଆନ୍ଦୋଳନ ନିଷ୍ପତ୍ତି




ଖଇରା,୨୯।୭ (ସମିସ): ଓଡିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ଆନୁକୂଲ୍ୟରେ ବ୍ଲକ୍‌ସ୍ତରୀୟ ଆଲୋଚନା ସଭା ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ପ୍ରାଥମିକ ଶିକ୍ଷକ ଭବନ ପରିସରରେ ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇ ଯାଇଛି। ଓଷ୍ଟାର ପୂର୍ବତନ ଜିଲା ଉପସଭାପତି ଭରତ ଚନ୍ଦ୍ର ଦାସ ଏଥିରେ ସଭାପତିତ୍ୱ କରିଥିଲେ। ଜିଲା ସମ୍ପାଦକ ବିଜୟ କୁମାର ପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବ୍ଲକ ଓଷ୍ଟା ସାଧାରଣ ସମ୍ପାଦକ ବିଷ୍ଣୁ ପ୍ରସାଦ ମିଶ୍ର ଶିକ୍ଷକ ମାନଙ୍କର ୫ଦଫା ଦାବୀ ଯଥା ଅନୁଦାନ ପ୍ରତ୍ୟାଶୀ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ଚାକିରୀ ସର୍ତ୍ତାବଳୀ ଅନୁଯାୟୀ ପେନସନ ପ୍ରଦାନ, ଅବସର ବୟସ ୬୦ରୁ ୬୨କୁ ବୃଦ୍ଧି, ସମସ୍ତ ନୁତନ ଓ ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ସରକାରୀ କରଣ ସହ ଶିକ୍ଷକ ନିଯୁକ୍ତି, ନୂତନ ପେନସନ ପରିବର୍ତ୍ତେ ପୁରାତନ ପେନସନ ଲାଗୁ ଭଳି ପ୍ରସଙ୍ଗ ଉଠାଇ ସରକାରଙ୍କ ଉଦାସୀନତାକୁ ନେଇ ସମାଲୋଚନା କରିଥିଲେ। ମଞ୍ଚାସୀନ ଅତିଥି ଭାବେ ରାଜ୍ୟକାରିଣୀ ସଭ୍ୟ ଜଗବନ୍ଧୁ ପଣ୍ଡା, ରମେଶ ଚନ୍ଦ୍ର ପୁହାଣ, ଜୟନ୍ତ କୁମାର ପଣ୍ଡା, ପ୍ରଫୁଲ୍ଲ କୁମାର ଦାଶ, ବିଜୟ କୁମାର ଦ୍ୱିବେଦୀ, ରଶ୍ମି ରଞ୍ଜନ ଶତପଥି, କ୍ଷୀରୋଦ କୁମାର ସେଣ୍ଠ ପ୍ରମୁଖ ଉପସ୍ଥିତ ରହି ଅଗଷ୍ଟ୨ରେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା, ଅଗଷ୍ଟ ୮ରେ ଜିଲାସ୍ତରୀୟ ସମାବେଶ ଓ ଅଗଷ୍ଟ ୧୬ରେ ଭୁବନେଶ୍ୱର ସମାବେଶ ସଫଳ କରିବାକୁ ଆହ୍ୱାନ ଦେଇଥିଲେ। ପ୍ରଶାନ୍ତ କୁମାର ହୋତା ମଞ୍ଚ ଆହ୍ୱାନ ଓ ପାର୍ବତୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଖଇରା ଓଷ୍ଟାର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ସୋରର ବିଭିନ୍ନ ସମସ୍ୟା ନେଇ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର

ସୋର,୨୯।୭ (ସମିସ): ସୋର ସହରର ବିଭିନ୍ନ ସମସ୍ୟାକୁ ନେଇ ଦଳିତ ସଙ୍ଗଠନମାନଙ୍କ ପକ୍ଷରୁ ୯ ଦଫା ସମ୍ବଳିତ ଏକ ଦାବିପତ୍ର ସୋର ତହସିଲଦାରଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଦାବିଗୁଡିକ ମଧ୍ୟରେ ସୋରରେ ଡ୍ରେନେଜ୍ ସମସ୍ୟା ପାଇଁ ପ୍ରତିଲୋକଙ୍କ ଘରେ ପାଣି ପଶୁଥିବାରୁ ଭୋଟର କାର୍ଡ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଆବାସ ପ୍ରଦାନ, ସୋର ଡାକ୍ତରଖାନାରେ ଆବଶ୍ୟକ ଡାକ୍ତର ଓ ରକ୍ତଭଣ୍ଡାର ଖୋଲାଯାଉ, ଭୂମିହୀନମାନଙ୍କୁ ଜମି ପଟ୍ଟା ବଣ୍ଟନ କରାଯାଉ, ଉତ୍ତରେଶ୍ୱର ଗଳାପୋଲକୁ ଭାଙ୍ଗି ନୂତନ ଗଳାପୋଲ ଓ ଡାକ ବଙ୍ଗଳାଠାରୁ ବାମ୍ଫିଛକ ମଧ୍ୟରେ ଏକ ଉଡନ୍ତା ପୋଲ ନିର୍ମାଣ, ସୋରରେ ବସଷ୍ଟାଣ୍ଡ ନିର୍ମାଣ, ସୋର ମ୍ୟୁନିସିପାଲିଟିରେ ଚେୟାରମ୍ୟାନ ନିର୍ବାଚନ, ସୋର ଆହାର କେନ୍ଦ୍ରରେ ପ୍ରତିଦିନ ୭ ଶହ ଲୋକଙ୍କ ପାଇଁ ଖାଦ୍ୟ ପ୍ରଦାନ, ସୋର ରେଳ ଷ୍ଟେସନରେ ସୁପରଫାଷ୍ଟ ଏକ୍ସପ୍ରେସ ରହଣି, ଆଦିବାସୀ ହରିଜନଙ୍କ ଜମିକୁ ସୁରକ୍ଷା ଦିଆଯିବା ଭଳି ୯ ଦଫା ସମ୍ବଳିତ ଏହି ଦାବିପତ୍ରକୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସୋର ଅତିରିକ୍ତ ତହସିଲଦାର କୃଷ୍ଣମୋହନ ସିଂହଙ୍କୁ ପ୍ରଦାନ କରିଥିଲେ। ଏହି ସମାବେଶରେ ଦଳିତ ସଙ୍ଗଠନମାନଙ୍କ ମଧ୍ୟରେ ସୋର ଆମ୍ବେଦକର ଚେତନା ବିକାଶ ପରିଷଦ, ବାଲେଶ୍ୱର ଆମ୍ବେଦକର ବିକାଶ ପରିଷଦ ଓ ରାଜ୍ୟ ଆଦିବାସୀ ହରିଜନ ସମାଜ କଲ୍ୟାଣ ସମିତିର ସୋର ଶାଖା ପକ୍ଷରୁ ସୁଶାନ୍ତ ସାହୁ, ଜିତେନ୍ଦ୍ର ସେଠୀ, ଜୟନ୍ତୀ ପାଣିଗ୍ରାହୀ, ରେବତୀ ବେହେରା, ଲାବନ୍ୟ ବେହେରା ଓ ଅଶୋକ ମଳିକଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ଲୋକ ଏକ ସମାବେଶରେ ଧାରଣା ଦେବାପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ପ୍ରଦାନ କରିଥିଲେ।

## ଭୋଗରାଇ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ଶପଥପାଠ



ଭୋଗରାଇ, ୨୯।୭(ସମିସ) : ଭୋଗରାଇ ବ୍ଲକଜଳେଶ୍ୱରପୁରସ୍ଥିତଶିକ୍ଷକଭବନଠାରେ ପ୍ରାଥମିକ ଶିକ୍ଷକ ସଂଘର ନବ ନିର୍ବାଚିତ କର୍ମକର୍ତ୍ତାମାନଙ୍କ ଏକ ଶପଥପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂଘର ପୂର୍ବତନ ସମ୍ପାଦକ ଅନିଲ ସାମଲ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରାଥମିକ ସଂଘର ପୂର୍ବତନ ସମ୍ପାଦକ ସୀତାରାମ ପ୍ରଧାନ ଜଗନ୍ନାଥ ମହାପ୍ରଭୁଙ୍କ ଫଟୋ ଚିତ୍ର ପାଖରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିବା ସ୍ଥଳେ ଶିକ୍ଷକ ପ୍ରଶାନ୍ତ ପଣ୍ଡା ବେଦ ପାଠ କରିଥିଲେ। ପରେ ପ୍ରାଥମିକ ଶିକ୍ଷକ ସଂଘର ନବ ନିର୍ବାଚିତ କର୍ମକର୍ତ୍ତାମାନଙ୍କୁ ସଭାପତି ଶପଥ ପାଠ କରାଇଥିଲେ। ନବ ନିର୍ବାଚିତ କର୍ମକର୍ତ୍ତାମାନଙ୍କ ସଭାପତି ଶାନ୍ତି ପ୍ରକାଶ ମହାପାତ୍ର, ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ପଣ୍ଡା, ଉପସଭାନେତ୍ରୀ ସନ୍ଧ୍ୟାରାଣୀ ବେହେରା, ଉପସଭାପତି ପଦ୍ମଲୋଚନ ମାଝୀ, କୋଷାଧ୍ୟକ୍ଷ ବିକ୍ରମ କେଶରୀ ନାୟକ, ପଙ୍କଜ କୁମାର ପଣ୍ଡା, ରବିନ୍ଦ୍ର ଜେନା, ପୁରୁଷୋତ୍ତମ ସାମଲ, କାଳିଚରଣ ଦଳାଇଙ୍କୁ ଶପଥ ପାଠ କରାଇ ଥିଲେ।

## ବିକାଶ ଅପେକ୍ଷାରେ ପାରୁଳେଶ୍ୱର ଶୈବପୀଠ

ଦେବୋତ୍ତର ବିଭାଗ ଦୃଷ୍ଟି ଦେଉ

କାଳିପଦା, ୨୯।୭ (ସମିସ)

ବାଲେଶ୍ୱର ଜିଲ୍ଲାରେ ମହିମା ମଣ୍ଡିତ ପୁଣ୍ୟ ଶୈବପୀଠ ମଧ୍ୟରୁ ପାରୁଳେଶ୍ୱର ପୀଠ ହେଉଛି ଅନ୍ୟତମ। ଅସ୍ତି ପଞ୍ଚାୟତ ପାରୁଳିଆ ଗାଁରେ ଅବସ୍ଥିତ ଏହି ପୀଠ। ମହାଦେବଙ୍କ ନାମରୁ ଗାଁର ନାମ ପ୍ରତିପନ୍ନ ହୋଇଛି। ସୁବର୍ଣ୍ଣ ରେଖା ନଦୀ ତଟରେ ଅବସ୍ଥିତ ଏହି ପୁଣ୍ୟ ପୀଠର ମହିମା କାହିଁ କେତେ। ମନ୍ଦିର ନିର୍ମାଣ ସମ୍ପର୍କରେ ସେମିତି କିଛି ତଥ୍ୟ ନାହିଁ। ତେବେ ସମ୍ଭବତଃ ୧୮ ଶହ ଶତାବ୍ଦୀର ଶେଷ ଭାଗରେ ଏହାକୁ ନିର୍ମାଣ କରାଯାଇଛି। ପାରୁଳିଆ ଗ୍ରାମର ଧର୍ମପ୍ରାଣ ବ୍ୟକ୍ତି ସ୍ୱର୍ଗତ ବିଶ୍ୱନାଥ ପ୍ରଧାନ ଏହି ମନ୍ଦିର ତୋଳାଇଛନ୍ତି। ମନ୍ଦିର ସମ୍ମୁଖ ଭାଗରେ ନାଟ ମନ୍ଦିର ରହିଥିବାବେଳେ ସୁବିସ୍ତୀର୍ଣ୍ଣ ପ୍ରାନ୍ତର ଆଗରେ ଦେଖିବାକୁ ମିଳେ। ପ୍ରାନ୍ତରକୁ ଲାଗିକରି ପ୍ରକାଣ୍ଡ ବଟ ଅଶ୍ୱସ୍ତ ଗଛ ବିଦ୍ୟମାନ। ସ୍ୱର୍ଗତ ବିଶ୍ୱନାଥଙ୍କ ପୁତ୍ର ପୌତ୍ର ପୁରୁଷୋତ୍ତମ ପ୍ରଧାନ, କାର୍ତ୍ତିକ ପ୍ରଧାନ, ସନ୍ୟାସୀ ପ୍ରଧାନ, ଅନୀଲ ପ୍ରଧାନ ପ୍ରମୁଖ ପୂଜାର୍ଚ୍ଚନାର ଗୁରୁ ଦାୟିତ୍ୱ ବହନ କରୁଛନ୍ତି। ପ୍ରଧାନ ବଂଶର ଅନ୍ୟ ଭାଗିଦାରୀମାନେ ଏବେ ମନ୍ଦିର ରକ୍ଷଣାବେକ୍ଷଣା ସାଙ୍ଗକୁ ଗ୍ରାମବାସୀଙ୍କ ସହାୟତାରେ ମହାଦେବଙ୍କ ପାଇଁ ଉଦ୍ଦିଷ୍ଟ ସମସ୍ତ କାର୍ଯ୍ୟକୁ ପୂର୍ଣ୍ଣ ପ୍ରାଣରେ ମଧ୍ୟ ସମ୍ପାଦନ କରୁଛନ୍ତି। ବାର ମାସରେ ତେର ପର୍ବ ପରି ପାରୁଳେଶ୍ୱରଙ୍କ ବର୍ଷ ତମାମ ଅନେକ ପର୍ବପର୍ବାଣୀ ପାଳିତ ହୁଏ। ମାତ୍ର ମହାଶିବ ରାତ୍ରି ଓ ଚଡକ ଯାତ୍ରା ଏଠାରେ ଖୁବ ଧୂମ ଧାମରେ ପାଳନ କରାଯାଏ। ଏହି ଦୁଇ ପର୍ବରେ ଭକ୍ତ ମାନଙ୍କ ଅଧିକ ସମାଗମ ହୋଇଥାଏ। ଭକ୍ତ ମାନଙ୍କର ଅଭିଷ୍ଟ ପୂରଣର ବହୁ ଦୃଷ୍ଟାନ୍ତ ରହିଛି। ମହାଦେବଙ୍କ ଆଦ୍ୟ ପାଟ ଭକ୍ତା ଥିଲେ ସ୍ୱର୍ଗତ ବ୍ରଜ କିଶୋର ପ୍ରଧାନ। କିମ୍ବଦନ୍ତୀ ଅନୁସାରେ ପୀଠ ରେ ଚଡକ ଯାତ୍ରା ଅଥବା ମହା ଶିବ ରାତ୍ରି ସମୟରେ ବହୁ ଭକ୍ତ ଉପବୀତ ଧାରଣ କରି ଅଧିଆ ପଡନ୍ତି। ସେହି ମୁହୂର୍ତ୍ତରେ ସ୍ୱୟଂ ଜଟା ଧାରୀ ମହାଦେବ ସ୍ୱ ଦେହରେ ଆବିର୍ଭୁତ ହୋଇ ଅଭୟ ଆଶିଷ ପ୍ରଦାନ କରନ୍ତି। ପାଟ ଭକ୍ତା ଦେହରେ ମହାଦେବ ସବାର ହୋଇ ଏହି ଆଶିଷ ପ୍ରଦାନ କରନ୍ତି। ଏହି ସମୟରେ ସବାର ଥିବା ପାଟ ଭକ୍ତା ଭକ୍ତମାନଙ୍କୁ ଆଗତ ଭବିଷ୍ୟ ସମ୍ପର୍କରେ ମଧ୍ୟ କହିଥାନ୍ତି।



ଗଭୀର ରାତ୍ରିରେ ନଦୀ ତଟ ଅନ୍ୟ ଏକ ପୀଠରୁ ଭୈରବ ଘୋଡା ଚଢି ଏହି ପୀଠକୁ ଆସନ୍ତି। ଭୈରବଙ୍କ ଆଗମନରେ ସମଗ୍ର ପରିବେଶଟି ଝୁଣା ଓ ଧୂପର ଭୁରି ଭୁରି ବାସନାରେ ପୂରି ଉଠେ। ଭକ୍ତ ମାନେ ଏହି ବାସନା ପାଇ ଶଙ୍କିତ ହୋଇ ଯାଆନ୍ତି। ଏହା ଏକ ଲୋକ କଥା। ଗ୍ରାମର ବହୁ ପୁରୁଖା ଲୋକ ଶିବଙ୍କର ଘୋଡା ଚଢ଼ା କଥାକୁ ସ୍ୱୀକାର କରନ୍ତି। ପାରୁଳେଶ୍ୱରଙ୍କ ମହିମା ଅପାର। ଶିବଙ୍କ ମହିମାରେ ଆକୃଷ୍ଟ ହୋଇ ପ୍ରତ୍ୟେହ ଭକ୍ତ ମାନେ ତାଙ୍କୁ ପୂଜାର୍ଚ୍ଚନା କରିଥାନ୍ତି। ମାତ୍ର ପୀଠର ଆନୁସଙ୍ଗିକ ବିକାଶ ହୋଇ ପାରି ନାହିଁ। ମହାଦେବଙ୍କ ଜମି ଓ ସମ୍ପତ୍ତି ବାଡ଼ିକୁ କିଛି ମୁଷ୍ଟିମେୟ ଲୋକ ଜବରଦଖଲ କରି ନେଇଛନ୍ତି। ଅଧିକ ବର୍ଷା ହେଲେ ପାଣି ମନ୍ଦିର ଭିତରକୁ ପଶିଯାଏ। ପୀଠକୁ ଲାଗି କରି ସାପ୍ତାହିକ ହାଟ ବସେ। ପରିବେଶ ଅନେକ ସମୟରେ ପୂତି ଗନ୍ଧମୟ ହୋଇ ଉଠେ। ଉଜ୍ୱଳ ଆଲୋକଟି ଏବେ ଜଳୁ ନାହିଁ। ଦେବୋତ୍ତର ବିଭାଗ ଏଥି ପ୍ରତି ଧ୍ୟାନ ଦେବାକୁ ଦାବି ହୋଇଛି। ବାଲିଆପାଳ କମର୍ଦ୍ଧା ରାସ୍ତାରେ ତିନି କିଲୋମିଟର ଗଲେ ନଦୀ ତଟରେ ଏହି ପୀଠ ପଡେ।

